ସକାଳ-୨୪.୪.୨୦୨୩

# ସୁନ୍ଦରଗଡ଼ ଜିଲ୍ଲାବ୍ୟାପୀ ଅକ୍ଷୟ ତୃତୀୟା ପାଳିତ

**ସୁନ୍ଦରଗଡ଼, ୨୩।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲାବ୍ୟାପୀ ପବିତ୍ର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଏହି କୃଷିଭିତ୍ତିକ ପର୍ବକୁ ସମସ୍ତ ପ୍ରକାରର ଶୁଭ କାର୍ଯ୍ୟର ତିଥି ବୋଲି ଧରା ଯାଇଥାଏ। କୌଣସି ଶୁଭକାମ ଏହି ଦିନ ଆରମ୍ଭ କରାଗଲେ ବିନା ବିଘ୍ନରେ ତାହା ସମ୍ପାଦିତ ହୋଇଥାଏ। ସେହିପରି ଏହି ଦିନ ସତ୍ୟଯୁଗର ପ୍ରାରମ୍ଭ ହୋଇଥିଲା। ଦେବତା ମାନେ ଜୀବଜଗତର ବଞ୍ଚିବାର ମାଧ୍ୟମ ଭାବେ କୃଷି କାର୍ଯ୍ୟ ଆରମ୍ଭ କରି ମର୍ତ୍ତ୍ୟବାସୀ ମାନବ ମାନଙ୍କୁ କୃଷିଶିକ୍ଷା ପ୍ରଦାନ କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ ରହିଛି। ଶ୍ରୀଗୁଣ୍ଡିଚା ରଥ ନିର୍ମାଣ , ଚନ୍ଦନ ଉତ୍ସବ, ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କର ରଥ କାମ, ରେବତୀ ମାଆଙ୍କ ସହ ତାଙ୍କର ବିବାହ ଉତ୍ସବ, ଖରିଫ ଧାନ ଚାଷର ଅକ୍ଷିମୁଠି ଅନୁକୂଳ ଆଦି ସମସ୍ତ ମାଙ୍ଗଳିକ କାମ ଅକ୍ଷୟ ତୃତୀୟାରେ ହିଁ କରା ଯାଇଥାଏ। କୃଷକର ବିହନ ମୁଠାକ ମା' ଧରିତ୍ରୀ କୋଳରେ ଅକ୍ଷୟ ଭାବେ ଧାରଣ କରି ଉତ୍ତମ ଉତ୍ପାଦନ ପ୍ରଦାନ ପାଇଁ ପ୍ରତ୍ୟେକ କୃଷିଜୀବୀ ପରିବାର ଏହି ଦିନରେ ଭୂମିପୂଜନ କରିଥାନ୍ତି। ଅକ୍ଷିମୁଠି ହିସାବରେ ଧାନକୁ ମହାଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ଏହି ଦିନ ଧାନରେ ହିଁ ମୁଠି ଅନୁକୂଳ କରାଯାଏ। ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ ପବିତ୍ର ଅକ୍ଷୟ ତୃତୀୟ ସମାରୋହ ପାଳିତ ହୋଇଛି।

## • ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା



ଟାଙ୍ଗରପାଲି ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ଫୁଲଧୁଡି ଗ୍ରାମରେ ପାରମ୍ପାରିକ ରୀତିରେ ପାଳିତ ହୋଇଯାଇଛି। ଟାଙ୍ଗରପାଲି କୃଷି ବିଭାଗ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକ କୃଷକ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଅଭିଷେକ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅକ୍ଷୟ ତୃତୀୟା ପୂଜାର ମୁଖ୍ୟ ପୁରୋଧା ସାଜିଥିଲେ। ପ୍ରଥମେ ଫୁଲଧୁଡି ଗାଁରେ ସଚେତନତା ସଭା ଓ ପାରମ୍ପାରିକ ପୂଜାର୍ଚ୍ଚନା ପରେ ଗ୍ରାମର ଯଦୁମଣି ପ୍ରଧାନଙ୍କ ବିଲରେ ହଳକରି ମୁଠି ଅନୁକୂଳ କରାଯାଇଥିଲା। ଆୟୋଜିତ ସଭାରେ ଟାଙ୍ଗରପାଲି ବ୍ଲକ କୃଷି ଅଧିକାରୀ ସୁନିଆ ଟପ୍ପୋ, ସହକାରୀ କୃଷି ଅଧିକାରୀ ସୁଶ୍ରୀତା ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗଦାନ କରି ମାର୍ଗଦର୍ଶନ କରିଥିଲେ। ଫୁଲଧୁଡି ବନସୁରକ୍ଷା ସମିତି ଓ ବସୁଧା କୃଷକ ଉତ୍ପାଦକ କମ୍ପାନୀର ସଭ୍ୟ ସଭ୍ୟାଙ୍କ ସହଯୋଗ କ୍ରମେ ଏହା ଆୟୋଜିତ ହୋଇଥିଲା।

## • ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ପାଳିତ

ସୁନ୍ଦରଗଡ଼ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସଦର ସରକାରୀ କୃଷି ଫାର୍ମଠାରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳିତ ହୋଇଛି। ଜିଲ୍ଲା କୃଷି ଅଧିକାରୀ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ରବିବାର ସକାଳୁ ପ୍ରଥମେ ଅତିଥିଙ୍କ ଦ୍ୱାରା ଭୂମିପୂଜନ ଓ ମୁଠି ଅନୁକୂଳ କରା ଯାଇଥିଲା। ଏହି ଅବସରରେ ଆୟୋଜିତ ସମାରୋହରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, କୃଷି ଉଦ୍ୟାନ ଉପ ନିର୍ଦ୍ଦେଶକ ମାନସିଂହ ସୋରେନ, ଜଳଛାୟା ନିର୍ଦ୍ଦେଶକ ହରିବନ୍ଧୁ ସେଠ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ, ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଆଗାମୀ ବର୍ଷର ଯୋଜନା ଉପରେ ଆଲୋଚନା କରିଥିଲେ। ସେହିପରି ଏହି ବର୍ଷର ଚାଷରେ ମାଣ୍ଡିଆକୁ ଅଗ୍ରାଧିକାର ଦେବାପାଇଁ ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ମିଲେଟ ମିଶନର ସଂଯୋଜକ ନିକିତା ଡା ମହାପାତ୍ର ଚାରିଜଣ ଅତିଥିଙ୍କୁ ଆନ୍ତର୍ଜାତୀୟ ମିଲେଟ୍ ବର୍ଷ ଉପଲକ୍ଷେ ସମ୍ବର୍ଦ୍ଧିତ କରିଥିଲେ।

